# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**15 December - 2024**

**News Editor : *Itishree Singh Rathaur***

**************************************

## ମୁଖ୍ୟ ସମ୍ବାଦ

- ଲୋକସଭାରେ ଆସନ୍ତାକାଲି ଆଗତ ହେବ 'ଏକ ଦେଶ ଏକ ନିର୍ବାଚନ' ସମ୍ପର୍କିତ ୨ଟି ବିଲ୍
- କୋରାପୁଟ ଜିଲ୍ଲାରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ
- ନୂତନ ଜ୍ଞାନକୌଶଳ ସହାୟତାରେ ଜଙ୍ଗଲ ସମ୍ପଦର ବିକାଶ ପାଇଁ ପଦକ୍ଷେପ ନିଆଯିବା ଆବଶ୍ୟକ; କହିଲେ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଏବଂ

- ଧନୁସଂକ୍ରାନ୍ତି ଉପଲକ୍ଷେ ଆସନ୍ତାକାଲି ପୁରୀ ଶ୍ରୀମନ୍ଦିରରେ ଆରମ୍ଭ ହେବ ମହାପ୍ରଭୁଙ୍କ ସ୍ୱତନ୍ତ୍ର ପହିଲି ଭୋଗ ନୀତି

# ଏକ ଦେଶ ଏକ ନିର୍ବାଚନ

ଲୋକସଭାରେ ଆସନ୍ତାକାଲି 'ଏକ ଦେଶ ଏକ ନିର୍ବାଚନ' ସମ୍ପର୍କିତ ୨ଟି ବିଲ୍ ଆଗତ ହେବା ନେଇ କାର୍ଯ୍ୟସୂଚୀ ସ୍ଥିର ହୋଇଛି । ଆଇନ୍‌ମନ୍ତ୍ରୀ ଅର୍ଜୁନ ରାମ୍ ମେଘୱାଲ ଲୋକସଭାରେ ସମ୍ବିଧାନର ୧୨୯ତମ ସଂଶୋଧନ ବିଲ୍ ଏବଂ କେନ୍ଦ୍ରଶାସିତ ଅଂଚଳ ସଂଶୋଧନ ଆଇନ୍ ବିଲ୍ ଆଗତ କରିବେ । ସୂଚନାଯୋଗ୍ୟ, ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କମିଟି ଏହି ପ୍ରସଙ୍ଗ ନେଇ ରିପୋର୍ଟ କେନ୍ଦ୍ର ସରକାରଙ୍କ ନିକଟରେ ଦାଖଲ କରିଛନ୍ତି । ବିଭିନ୍ନ ରାଜନୈତିକ ଦଳ, ବିଶେଷଜ୍ଞ ଏବଂ ଅନ୍ୟ ଅଂଶୀଦାରଙ୍କ ସହ ବିଚାରବିମର୍ଶ ପରେ କମିଟି ରିପୋର୍ଟ ଦାଖଲ କରିଛନ୍ତି । 'ଏକ ଦେଶ ଏକ ନିର୍ବାଚନ'କୁ ୨ଟି ପର୍ଯ୍ୟାୟରେ କାର୍ଯ୍ୟକାରୀ କରାଯିବାକୁ କମିଟି ସୁପାରିଶ୍ କରିଛି । ପ୍ରଥମ ପର୍ଯ୍ୟାୟରେ ଲୋକସଭା ଏବଂ ବିଧାନସଭା ନିର୍ବାଚନ ଏକାସମୟରେ ଅନୁଷ୍ଠିତ ହେବାକୁ ଥିବାବେଳେ ସାଧାରଣ ନିର୍ବାଚନର ୧୦୦ ଦିନ ମଧ୍ୟରେ ପଞ୍ଚାୟତ ଓ ପୌରପାଳିକା ଭଳି ସ୍ଥାନୀୟ ସଂସ୍ଥା ନିର୍ବାଚନ ଅନୁଷ୍ଠିତ ହେବା ନେଇ କମିଟି ରିପୋର୍ଟରେ ସୁପାରିଶ୍ କରିଛି ।

## ମୁଖ୍ୟମନ୍ତ୍ରୀ-କୋରାପୁଟ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କୋରାପୁଟ ଜିଲ୍ଲାରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ନିଯୁକ୍ତି ସୁଯୋଗ ଆଦି କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ସରକାର ପ୍ରାଥମିକତା

ଦେଉଛନ୍ତି । ପର୍ଯ୍ୟଟନ ମାନଚିତ୍ରରେ କୋରାପୁଟ ଅନ୍ୟତମ ଆକର୍ଷଣର କେନ୍ଦ୍ର ପାଲଟିଛି । କୋରାପୁଟ କଫି ସମଗ୍ର ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ବିକଶିତ ଓଡ଼ିଶା ନିର୍ମାଣରେ କୋରାପୁଟର ପ୍ରମୁଖ ଯୋଗଦାନ ରହିଛି । ଏହାକୁ ଗୁରୁତ୍ୱ ଦେଇ ସରକାର ଜିଲ୍ଲାର ସାମଗ୍ରୀକ ବିକାଶ ପାଇଁ ପଦକ୍ଷେପ ନେଉଛନ୍ତି ବୋଲି ଶ୍ରୀ ମାଝୀ କହିଛନ୍ତି । ମୁଖ୍ୟମନ୍ତ୍ରୀ କୋରାପୁଟ ଜିଲ୍ଲାର ପ୍ରଥମ ସରକାରୀ ନର୍ସିଂ କଲେଜର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହାସହ ୩୦୦ ଶଯ୍ୟାବିଶିଷ୍ଟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ କର୍ମଚାରୀଙ୍କ ପାଇଁ ୯୬ଟି ଆବାସିକ ଗୃହର ଶୁଭାରମ୍ଭ କରିଛନ୍ତି । ଗମନାଗମନ କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ଜୟପୁର ବିମାନବନ୍ଦର ନବନିର୍ମିତ ଟର୍ମିନାଲର ମଧ୍ୟ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି । କୋରାପୁଟ ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ଜିଲ୍ଲାରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି ।

## ମୁଖ୍ୟମନ୍ତ୍ରୀ ସମ୍ବଲପୁର ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବଲପୁର ବୁର୍ଲା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ୍ ଜୁବୁଲି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହିତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁବୁଲି କମିଟିର କର୍ମକର୍ତ୍ତାଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଏହି କାର୍ଯ୍ୟକ୍ରମ ପରେ ମନ୍ଦଲିଆଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ବିବିଏସ୍‌ଏ କାର୍ଯ୍ୟକ୍ରମରେ ଇ-ରିକ୍ସା ବଣ୍ଟନ କରିବେ । ଏଥିରେ ୩୦ଟି ଜିଲ୍ଲାର ୫୦୦ ହିତାଧିକାରୀଙ୍କୁ ଇ-ରିକ୍ସା ବଣ୍ଟନ କରାଯିବ । ଏହାପରେ ମୁଖ୍ୟମନ୍ତ୍ରୀ ସିନ୍ଦୁରପଙ୍କ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣଜୟନ୍ତୀ ସମାରୋହରେ ଯୋଗଦେବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ମୁଖ୍ୟମନ୍ତ୍ରୀ- ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ଆସନ୍ତାକାଲି ଅନୁଷ୍ଠିତ ହେବ। ଭୁବନେଶ୍ୱର ୟୁନିଟ୍-୫ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଜନଶୁଣାଣି ହେବ। ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଅଭିଯୋଗ ଜଣାଇବା ପାଇଁ ଯେଉଁମାନେ ପୂର୍ବରୁ ପଞ୍ଜୀକରଣ କରିଥିଲେ ସେହିମାନଙ୍କ ପାଇଁ ଶୁଣାଣି ଅନୁଷ୍ଠିତ ହେବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ କୁହାଯାଇଛି।

## ଆତଙ୍କବାଦ-ବାଚସ୍ପତି

ଆତଙ୍କବାଦୀ ଓ ମାଓବାଦବୀଙ୍କ ମୁକାବିଲା କ୍ଷେତ୍ରରେ CRPF ଯବାନ୍‌ମାନେ ବିଶେଷ ସଫଳତା ହାସଲ କରିଛନ୍ତି ବୋଲି ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି। ଭୁବନେଶ୍ୱର CRPF କ୍ୟାମ୍ପସ୍ ପରିସରରେ ଆଜି ଅନୁଷ୍ଠିତ CRPF GROUP CENTREର ୫୨ତମ ପ୍ରତିଷ୍ଠା ଦିବସରେ ଯୋଗଦେଇ ବାଚସ୍ପତି କହିଛନ୍ତି, CRPF ଅଧିକାରୀ ଓ ଯବାନମାନେ ବହୁ ବିଷମ ପରିସ୍ଥିତିର ମୁକାବିଲା କରିବାରେ ସକ୍ଷମ। ନିର୍ବାଚନ ସମୟରେ ସୁରକ୍ଷାଠାରୁ ଆରମ୍ଭ କରି ଆତଙ୍କବାଦୀ ଆକ୍ରମଣରୁ ଦେଶକୁ ସୁରକ୍ଷା ଯୋଗାଇବା ସମସ୍ତ କ୍ଷେତ୍ରରେ CRPF ଯବାନ ସିଦ୍ଧହସ୍ତ ବୋଲି ବାଚସ୍ପତି କହିଛନ୍ତି। କାର୍ଯ୍ୟକ୍ରମରେ ସହିଦ୍ ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା।

## ଧର୍ମେନ୍ଦ୍ର ପ୍ରଧାନ-ସାଧାରଣ ପରିଷଦ ବୈଠକ

ଜଙ୍ଗଲ ଓଡ଼ିଶା ଅର୍ଥନୀତିର ମେରୁଦଣ୍ଡ। ଜଙ୍ଗଲରୁ ହିଁ ଦେଶର ସ୍ୱାଧୀନତାର ନେତୃତ୍ୱ ବିକଶିତ ହୋଇଛି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

କହିଛନ୍ତି । ଅଣଗେଜେଟେଡ୍ ବନ ସେବା ସଂଘ ସମ୍ବଲପୁର ଜୋନ୍‌ର ସାଧାରଣ ପରିଷଦ ବୈଠକରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଆସନ୍ତା ୪୫ ବର୍ଷ ମଧ୍ୟରେ ଜଙ୍ଗଲ ପରିସୀମାକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି । ଜଙ୍ଗଲ ପରିସୀମା କ୍ଷେତ୍ରରେ ଓଡ଼ିଶା ଦେଶର ଦ୍ୱିତୀୟ ସ୍ଥାନରେ ରହିଛି । ଜଙ୍ଗଲ ସୁରକ୍ଷା ଏବଂ ଓଡ଼ିଶାରେ ବର୍ତ୍ତମାନର ବ୍ୟବସ୍ଥା ଶୀର୍ଷକ ଉପରେ ଆଲୋଚନା କରି କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଜଙ୍ଗଲ ଓ ଜୀବଜନ୍ତୁଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ରାଜ୍ୟର ପର୍ଯ୍ୟଟନ ଶିଳ୍ପକୁ ସୁଦୃଢ଼ କରାଯାଇପାରିବ । ରାଜ୍ୟର ୧୯ଟି ଅଭୟାରଣ୍ୟ ମଧ୍ୟରୁ ସମ୍ବଲପୁରରେ ୪ଟି ଅଭୟାରଣ୍ୟ ରହିଛି । ପରିବର୍ତ୍ତିତ ବିଶ୍ୱରେ ନୂତନ ଜ୍ଞାନକୌଶଳ ସହାୟତାରେ ଜଙ୍ଗଲ ସମ୍ପଦର ବିକାଶ ଓ ରକ୍ଷଣାବେକ୍ଷଣ ଦିଗରେ ପଦକ୍ଷେପ ନିଆଯିବା ଆବଶ୍ୟକ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।  ଏହି ଅବସରରେ ନୂତନ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରି ବନକର୍ମଚାରୀମାନଙ୍କୁ ସଶକ୍ତ କରିବା ସହ ରାଜ୍ୟକୁ ୧ ନମ୍ବର ଫରେଷ୍ଟ ଫୋର୍ସ ଭାବେ ପ୍ରସ୍ତୁତ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

## ଜଳବିଦ୍ୟୁତ୍ କେନ୍ଦ୍ର ପରିଦର୍ଶନ

ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଆଜି ମାଲକାନଗିରି ଜିଲ୍ଲାର ବାଲିମେଳାଠାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି । ବାଲିମେଳା ଜଳବିଦ୍ୟୁତ୍ କେନ୍ଦ୍ର ପରିଦର୍ଶନ କରି ଉପମୁଖ୍ୟମନ୍ତ୍ରୀ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ । ବୈଠକରେ ଶ୍ରୀ ସିଂହଦେଓ ବାଲିମେଳାରେ ନୂତନ ପ୍ରସ୍ତାବିତ ପ୍ରକଳ୍ପ ମାଧମରେ ୬୦୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ଲକ୍ଷ୍ୟ ରଖାଯାଇଛି ବୋଲି କହିଛନ୍ତି । ସେ କହିଛନ୍ତି, ଏ ନେଇ ରିପୋର୍ଟ ଉପସ୍ଥାପନ କରାଯାଇଛି । ପ୍ରକଳ୍ପର ପୁନଃ ସମୀକ୍ଷା କରାଯିବ । ଏଥିପାଇଁ ଏକ ସ୍ୱତନ୍ତ୍ର ବନ୍ଧ ନିର୍ମାଣ କରାଯାଇ ସୌରଚାଳିତ ବ୍ୟବସ୍ଥା କରାଯିବ । ଏହି ପ୍ରକଳ୍ପ

ପାଇଁ ବନବିଭାଗ ପକ୍ଷରୁ ମଞ୍ଜୁରୀ ମିଳିବା ପରେ ୨୦୩୧ ମସିହା ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ଶେଷ ହେବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

## ଫିଜିଓଥେରାପିଷ୍ଟ ସମ୍ମିଳନୀ

ରୋଗୀଙ୍କ ଚିକିତ୍ସା କ୍ଷେତ୍ରରେ ଔଷଧ ବା ଅସ୍ତ୍ରୋପଚାର ସହ ଫିଜିଓଥେରାପି ଆବଶ୍ୟକ ବୋଲି ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଭୁବନେଶ୍ୱରରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଫିଜିଓଥେରାପି ସମ୍ମିଳନୀରେ ଯୋଗଦେଇ ଆଇନ୍ ମନ୍ତ୍ରୀ କହିଛନ୍ତି, ସ୍ନାୟୁ ଏବଂ ଅସ୍ଥି ସମ୍ବନ୍ଧୀୟ ସମସ୍ୟା ଦୂର କରିବାରେ ଫିଜିଓଥେରାପି ଉତ୍ତମ ମାଧ୍ୟମ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଚିକିତ୍ସକମାନେ ଯୋଗଦେଇଥିଲେ।

## ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ

ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପୁଣ୍ୟତିଥିରେ  ରାଷ୍ଟ୍ର ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି। ଏହି ଅବସରରେ ଦେଶର ବିଭିନ୍ନ ଭାଗରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି। ସର୍ଦ୍ଦାର ପଟେଲ ଦେଶର ପ୍ରଥମ ଉପପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ୧୯୯୧ ମସିହାରେ ତାଙ୍କୁ ମରଣୋତ୍ତର ଭାବେ ଭାରତ ରତ୍ନ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତି, ଦେଶର ଲୌହପୁରୁଷଙ୍କ ବ୍ୟକ୍ତିତ୍ୱ, କୃତିତ୍ୱ ଦେଶର ଏକତା, ଅଖଣ୍ଡତା ଓ ବିକଶିତ ଭାରତର ସଂକଳ୍ପ ପୂରଣ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ।

**ରାଜ୍ୟପାଳ** ରଘୁବର ଦାସ ମଧ୍ୟ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ରାଜ୍ୟପାଳ କହିଛନ୍ତି, 'ଏକ ଭାରତ-ଶ୍ରେଷ୍ଠ ଭାରତ'ର ପରିକଳ୍ପନା ସହିତ ଭାରତକୁ ଏକତା ସୂତ୍ରରେ ଲୌହ ପୁରୁଷ, ଭାରତ ରତ୍ନ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ବାନ୍ଧି ରଖିଥିଲେ। ଦେଶର ଅଖଣ୍ଡତା ଏବଂ ଦେଶବାସୀଙ୍କ ମନରେ ଏକତା ଭାବକୁ ସୁଦୃଢ଼ କରିବାରେ ବଲ୍ଲଭ ଭାଇ ପଟେଲଙ୍କ ଅବଦାନ ଚିରସ୍ମରଣୀୟ ହୋଇ ରହିବ ବୋଲି **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ କହିଛନ୍ତି। ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଅଦ୍ଭୁତ ନେତୃତ୍ୱ, କୂଟନୈତିକ ଦକ୍ଷତା ଓ ଦୃଢ଼ ସଂକଳ୍ପ ଦେଶକୁ ଏକ ସଶକ୍ତ ଓ ସଂଗଠିତ ରାଷ୍ଟ୍ରର ରୂପ ଦେଇଥିଲା ବୋଲି **କେନ୍ଦ୍ରମନ୍ତ୍ରୀ** ଧର୍ମେନ୍ଦ୍ର ପ୍ରଧାନ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି।

## ଧନୁସଂକ୍ରାନ୍ତି

ପୁରୀ ଶ୍ରୀମନ୍ଦିରରେ ଆସନ୍ତାକାଲି ଧନୁସଂକ୍ରାନ୍ତି ଅବସରରେ ମହାପ୍ରଭୁଙ୍କ ସ୍ୱତନ୍ତ୍ର ପହିଲି ଭୋଗନୀତି ଆରମ୍ଭ ହେବ। ପହିଲି ଭୋଗରେ ସାଧାରଣ ଭୋଗ ସମେତ ମହାପ୍ରଭୁଙ୍କୁ ବିରି, ଗହମଚୁନା, ଘୃତ ପାଗ ହୋଇଥିବା ପିଠା ଓ ଧନୁମୁଆଁ ଲାଗି କରାଯିବ। ଗୋପାଳବଲ୍ଲଭରେ ପହିଲି ଭୋଗ ମହାପ୍ରଭୁଙ୍କ ନିକଟରେ ଅର୍ପଣ କରାଯାଏ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରେ ନୀତିନିର୍ଘଣ୍ଟ କରାଯାଇଛି। ରାତି ୨ଟାରେ ଦ୍ୱାରଫିଟା, ୩ଟାରେ ମଙ୍ଗଳଆଳତି, ମଇଲମ, ଅବକାଶ ପୂଜା ପରେ ସକାଳ ସାଢ଼େ ୫ଟାରେ ବେଶ ଶେଷ କରାଯାଇ ପହିଲି ଭୋଗ ନୀତି ଆରମ୍ଭ ହେବ ବୋଲି ସୂଚନା ମିଳିଛି।

## ମହାକୁମ୍ଭ ମେଳା

ଉତ୍ତରପ୍ରଦେଶର ପ୍ରୟାଗରାଜଠାରେ ହେବାକୁଥିବା ମହାକୁମ୍ଭ ମେଳା ପାଇଁ ଢେଙ୍କାନାଳ ଜିଲ୍ଲାରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ସ୍ୱେଚ୍ଛାସେବୀମାନେ ମହାକୁମ୍ଭ ମେଳା ସମୟରେ ପରିବେଶ ସୁରକ୍ଷା ସମ୍ପର୍କରେ ଲୋକଙ୍କୁ ସଚେତନ କରାଉଛନ୍ତି।

## କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

**ନୟାଗଡ଼** ଜିଲ୍ଲା ଭାପୁର ବ୍ଲକ୍ ଫତେଗଡ଼ ଗ୍ରାମରେ ଚାଲିଥିବା ୧୫ତମ ସଦାଶିବ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚରେ ସମ୍ବଲପୁର ଏମ୍ଏମ୍ସିସି ଦଳ ବିଶାଖାପାଟଣାର ନବଶିପ୍ ଦଳକୁ ପରାସ୍ତ କରି ବିଜୟୀ ହୋଇଛି।

# ପାଣିପାଗ-ଶୀତ

ରାଜ୍ୟର ବିଭିନ୍ନ ଅଞ୍ଚଳରେ ଗତ କିଛି ଦିନ ଧରି ସର୍ବନିମ୍ନ ତାପମାତ୍ରା ହ୍ରାସ ପାଉଛି । ଫଳରେ ଶୀତର ପ୍ରକୋପ ବୃଦ୍ଧି ପାଇଛି । ଏହି ପରିସ୍ଥିତି ଆଗାମୀ ଦୁଇଦିନ ପର୍ଯ୍ୟନ୍ତ ଜାରି ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି । ଶୀତ ଲହରି ନେଇ ଆସନ୍ତା ୨୪ଘଣ୍ଟା ପର୍ଯ୍ୟନ୍ତ ଝାରସୁଗୁଡା ଏବଂ ସୁନ୍ଦରଗଡ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ସେହିପରି ଆସନ୍ତାକାଲିଠାରୁ ୧୭ ତାରିଖ ପର୍ଯ୍ୟନ୍ତ ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ଅନୁଗୁଳ ଜିଲ୍ଲା ପାଇଁ ହାଲୁକାରୁ ମଧ୍ୟମ ଧରଣର କୁହୁଡି ହେବାର ସମ୍ଭାବନା ରହିଛି ।

******************************